# ଛ'ମାଣ ଆଠଗୁଣ

ଫକିରମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଭାରତୀୟ ସାହିତ୍ୟର ଏକ ପ୍ରମୁଖ ଉପନ୍ୟାସ । ଏହା ପ୍ରକାଶିତ ହୋଇଥିଲା ୧୮୯୭ ମସିହାରେ । ଏହାର ପ୍ରକାଶନ ଫଳରେ ଓଡ଼ିଆ ତଥା ଭାରତୀୟ ଉପନ୍ୟାସ ସାହିତ୍ୟର ମୂଳ ଭିତ୍ତି ପଡ଼ିଥିଲା ବୋଲି କୁହାଯାଇପାରେ । ଜମିଦାରମାନଙ୍କ ଦ୍ୱାରା ପ୍ରଜାମାନଙ୍କର ଶୋଷଣ ଏହାର ମୁଖ୍ୟ ବିଷୟବସ୍ତୁ । ଭାରତୀୟ ସାହିତ୍ୟରେ ଏପରି ବିଷୟବସ୍ତୁ ଉପରେ କଲମ ଚଳାଇବାରେ ଫକୀରମୋହନ ବୋଧହୁଏ ପ୍ରଥମ ଲେଖକ ଏବଂ ୧୯୩୬ରେ ପ୍ରକାଶିତ ! 'ଗୋଦାନ'ର ପ୍ରଖ୍ୟାତ ହିନ୍ଦୀ ଲେଖକ ପ୍ରେମ୍‌ଚନ୍ଦ୍‌ଙ୍କର ସେ ପୂର୍ବସୂରୀ ।

ଫକୀରମୋହନଙ୍କ ଜନ୍ମ ୧୮୪୩ରେ, ବାଲେଶ୍ୱର ଜିଲ୍ଲାରେ, ଏକ ଦରିଦ୍ର କୃଷକ ପରିବାରରେ । ଶୈଶବରୁ ପିତୃମାତୃହୀନ ହୋଇ ପିତାମହୀଙ୍କ ଦ୍ୱାରା ସେ ଲାଳିତପାଳିତ ହୋଇଥିଲେ ଏବଂ ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିଲେ । କମ୍ ବୟସରୁ ସେ ଆରମ୍ଭ କଲେ ଶିକ୍ଷକତା । ତାଙ୍କର ବୈଚିତ୍ର୍ୟମୟ ଘଟଣାବହୁଳ ଜୀବନରେ ସେ ହୋଇଥିଲେ ଶିକ୍ଷକ, କଚେରୀ ଅମଲା, ମୁଦ୍ରାକର ଏବଂ ବିଭିନ୍ନ ଗଡ଼ଜାତରେ ଦେୱାନ୍ ବା ପ୍ରଶାସକ । ତାଙ୍କର ପରଲୋକ ଘଟିଥିଲା ୧୯୧୮ରେ ।

ଫକୀରମୋହନଙ୍କ ସମୟ ଅର୍ଥାତ୍ ଉନବିଂଶ ଶତାବ୍ଦୀର ଶେଷଭାଗ ତଥା ବିଂଶ ଶତାବ୍ଦୀର ପ୍ରଥମ ଭାଗ ଓଡ଼ିଶା ଇତିହାସର ଏକ ଅନ୍ଧକାର ଯୁଗ । ଓଡ଼ିଆମାନଙ୍କର ନିଜର ରାଜ୍ୟ ନଥିଲା । ସେମାନଙ୍କ ଆର୍ଥନୀତିକ ଅବସ୍ଥା ଥିଲା ଶୋଚନୀୟ । ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ବିଧାନ କରିବାକୁ ସୁଯୋଗ ପ୍ରାୟ ନଥିଲା । ପଡ଼ୋଶୀ ପ୍ରଦେଶମାନଙ୍କ ଆଧିପତ୍ୟରେ ଓଡ଼ିଆ ଭାଷାର ସ୍ଥିତି ମଧ୍ୟ ବିପନ୍ନ ହୋଇପଡ଼ିଥିଲା । ଏହି ପରିସ୍ଥିତିରେ ଫକୀରମୋହନ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଓଡ଼ିଆ ଭାଷାର ସେନାପତି ଭାବରେ ଆବିଭନ ମର୍ଭତ ହୋଇଥିଲେ ।

ଓଡ଼ିଆ ଗଦ୍ୟ ସାହିତ୍ୟର ଶ୍ରେଷ୍ଠତମ ଲେଖକ ଭାବରେ ଫକୀରମୋହନ ଆଜି ସମ୍ମାନିତ । କିନ୍ତୁ ପ୍ରଶାସନିକ ଜୀବନରୁ ଅବସର ନେବା ପର୍ଯ୍ୟନ୍ତ ସେ ପ୍ରାୟ କୌଣସି ଗଦ୍ୟ ରଚନା କରିନଥିଲେ । ସେ ରଚନା କରି ଚାଲିଥିଲେ ଅସଂଖ୍ୟ କାବ୍ୟ, ପଦ୍ୟ, ଗୀତି କବିତା, ବ୍ୟଙ୍ଗ କବିତା ଓ ପୁରାଣ । ମୂଳ ସଂସ୍କୃତରୁ ସେ ଅନୁବାଦ କରିଥିଲେ ରାମାୟଣ, ମହାଭାରତ ଏବଂ କେତେକ ଉପନିଷଦ । ଗତାନୁଗତିକ କାବ୍ୟଧାରାରେ ଗୃହୀତ ହୋଇନଥିବା କେତେକ ବିଷୟବସ୍ତୁକୁ ସେ ଗ୍ରହଣ କରିଥିଲେ ତାଙ୍କ କାବ୍ୟ ସୃଷ୍ଟିରେ ଏବଂ ଶତାବ୍ଦୀ ଶତାବ୍ଦୀ ଧରି ବା ୪ବହୃତ ହୋଇ ନଥିବା ଗ୍ରାମ୍ୟ ଭାଷାରେ ରଚନା କରିଥିଲେ ତାଙ୍କର କାବ୍ୟ କବିତା ।

ଫକୀରମୋହନ ମୋଟ୍‌ରେ ଚାରୋଟି ଉପନ୍ୟାସ, ଦୁଇଟି ଗଳ୍ପ ସଂଗ୍ରହ ଏବଂ ଗୋଟିଏ ଆତ୍ମଜୀବନୀ ଲେଖିଛନ୍ତି । କେତେକ ସମାଲୋଚକଙ୍କର ବିଶ୍ୱାସ ଯେ, ଫକୀରମୋହନଙ୍କ ଲିଖିତ 'ଲଛମନିଆଁ' ଭାରତୀୟ ସାହିତ୍ୟର ପ୍ରଥମ ଗଳ୍ପ । 'ଲଛମନିଆଁ' ବାଲେଶ୍ୱରର କୌଣସି ପତ୍ରିକାରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ତାହା ମିଳୁନାହିଁ । କିନ୍ତୁ ଫକୀରମୋହନଙ୍କ 'ଗଳ୍ପସ୍ୱଳ୍ପ' (ପ୍ରଥମ ଓ ଦ୍ୱିତୀୟ ଭାଗ) ନିଃସନ୍ଦେହରେ ପ୍ରମାଣ କରେ- ସେ ଥିଲେ ଗଳ୍ପ ରଚନା କରିବାରେ ଏକ ଅପ୍ରତିଦ୍ୱନ୍ଦୀ କଳାକାର । ତାଙ୍କର! ଆତ୍ମଜୀବନ ଚରିତ (୧୯୧୭) ଓଡ଼ିଆରେ ଯେ ପ୍ରଥମ ଆତ୍ମଜୀବନୀ ତାହାନୁହେଁ, ଭାରତୀୟ ଭାଷାମାନଙ୍କରେ ଏଯାବତ୍ ଲିଖିତ ଆତ୍ମଜୀବନୀମାନଙ୍କ ମଧ୍ୟରେ ଏକ ଅନନ୍ୟ ଓ ଅସାଧାରଣ ସୃଷ୍ଟି ।

ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ହେଲା, ଛ'ମାଣ ଆଠଗୁଣ, ଲଛମା (୧୯୦୩), ମାମୁଁ

(୧୯୧୩) ଏବଂ ପ୍ରାୟଶ୍ଚିତ (୧୯୧୫)। ଲଛମା ଏକ ଐତିହାସିକ ଉପନ୍ୟାସ। ଅନ୍ୟ ତିନୋଟି ଉପନ୍ୟାସ ସମାଜର ବାସ୍ତବ ଆଲେଖ୍ୟ। ଫକୀରମୋହନ ସାହିତ୍ୟର ଜଣେ ପ୍ରବୀଣ ସମାଲୋଚକ ନଟବର ସାମନ୍ତରାୟ ଯଥାର୍ଥରେ ଦର୍ଶାଇଛନ୍ତି ଯେ ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ଅଷ୍ଟାଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଇତିହାସ।

ଛ'ମାଣ ଆଠଗୁଣ୍ଠ ଫକୀରମୋହନଙ୍କର ଶ୍ରେଷ୍ଠତମ କୃତି। ଏହା ଚରିତ୍ରମାନଙ୍କର ଏକ ଆଲେଖ୍ୟଶାଳା। ଚଂପା, ମଙ୍ଗରାଜ, ଭଗିଆ ଓ ସାରିଆ ଭଳି ଏ ଉପନ୍ୟାସର ଚରିତ୍ରମାନେ ଓଡ଼ିଆ ସାହିତ୍ୟରେ ଆର୍କିଟାଇପ୍ ବା ପ୍ରତୀକରେ ପରିଣତ ହୋଇଛନ୍ତି। ସମାଜର ଦଳିତ ଓ ଅବହେଳିତମାନଙ୍କ ପ୍ରତି ଗଭୀର ସହାନୁଭୂତି ଥିଲେ ମଧ୍ୟ ଧନୀକ ଗୋଷ୍ଠୀର ଜୀବନଧାରା ସହିତ ଫକୀରମୋହନ ବିଶେଷ ପରିଚିତ ଥିଲେ। ସେଥିପାଇଁ ଭଗିଆ ଓ ସାରିଆଙ୍କ ଦାରିଦ୍ର୍ୟ ଓ କଷଣ ସହିତ ମଙ୍ଗରାଜଙ୍କ ଜମିଦାରୀ ଓ ଅତ୍ୟାଚାରୀ ମନୋବୃତ୍ତି ଏ ଉପନ୍ୟାସରେ ନିଖୁଣ ଭାବରେ ! ବର୍ଣ୍ଣିତ।

ଫକୀରମୋହନ ବାସ୍ତବବାଦ ପରଂପରାରେ ସାହିତ୍ୟ ସୃଷ୍ଟି କରିଥିଲେ। ଛ'ମାଣ ଆଠଗୁଣ୍ଠରେ 'ଅସୁରଦୀଘି' ପରିଚ୍ଛଦରେ ସେ ମଇଳା ଓ ଆବର୍ଜନାର ଯେପରି ବର୍ଣ୍ଣନା କରିଛନ୍ତି, ଉନବିଂଶ-ବିଂଶ ଶତାବ୍ଦୀର ପ୍ରଥମ ପାଦର ଜଣେ ଔପନ୍ୟାସିକ ପକ୍ଷରେ ସେଭଳି କରିବା ଯଥାର୍ଥରେ ବିସ୍ମୟକର। ତାଙ୍କର ବ୍ୟଙ୍ଗ ଓ ବିଦ୍ରୂପ ତଥା କଥିତ ଭାଷାର ପ୍ରୟୋଗ ଓଡ଼ିଆ ସାହିତ୍ୟରେ ଅତୁଳନୀୟ। ତାଙ୍କ ଗଳ୍ପ, ଉପନ୍ୟାସର ବିଷୟବସ୍ତୁ ସେ ମୋଟାମୋଟି ସଂଗ୍ରହ କରିଥିଲେ ନିଜ ଅନୁଭୂତିରୁ। ସବୁ ଶ୍ରେଣୀର ପାଠକମାନଙ୍କ ନିକଟରେ ସେ ଅଦ୍ୟାବଧି ପ୍ର 'ଯରୟ ହୋଇ ରହିଆସିଛନ୍ତି।

ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ବିଭିନ୍ନ ଭାରତୀୟ ଭାଷା ତଥା ଇଂରାଜୀରେ ଅନୂଦିତ ହୋଇଛି। ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ପ୍ରେସ୍ ତଥା ଭାରତର ପେଙ୍ଗୁଇନ୍ ପ୍ରକାଶନ ସଂସ୍ଥା ମଧ୍ୟ ଏହାର ଇଂରାଜୀ ଅନୁବାଦ ପ୍ରକାଶ କରିଛନ୍ତି। ଛ'ମାଣ ଆଠଗୁଣ୍ଠ ଆଜି କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରେ ତଥା ଭାରତ ବାହାରେ ପଠିତ ଏବଂ ଆଦୃତ ହେଉଛି।

ଗଣେଶ୍ୱର ମିଶ୍ର
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ